# ଡକ୍ଟର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ

ଇଞ୍ଜିନିୟରିଂ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଜଣେ ଆଗଧାଡ଼ିର ଗବେଷକ ଭାବେ ଡକ୍ଟର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ୧୯୭୬ ମସିହା



ମେ ମାସ ୩୦ ତାରିଖରେ କଟକ ଜିଲ୍ଲାର ଖଣ୍ଡସାହିରେ ତାଙ୍କର ଜନ୍ମ । ୧୯୯୯ରେ ବୁର୍ଲାସ୍ଥିତ ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ କଲେଜରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ବି.ଇ. ଏବଂ ୨୦୦୭ରେ ଏନ୍ଆଇଟି ରାଉରକେଲାରୁ 'ପାୱାର ସିଷ୍ଟମ ପ୍ରଟେକ୍ସନ' କ୍ଷେତ୍ରରେ ପିଏଚ୍.ଡି. ଉପାଧି ଅର୍ଜନ କରିବା ପରେ ୨୦୦୮ ରୁ ୨୦୧୦ ଯାଏଁ କାନାଡ଼ାର ପ୍ରସିଦ୍ଧ ମାକ୍‌ଗିଲ୍ ବିଶ୍ୱବିଦ୍ୟାଳୟରେ ପୋଷ୍ଟଡକ୍ଟରାଲ ଗବେଷଣା ସେ କରିଛନ୍ତି । ସମ୍ପ୍ରତି ସେ ଆଇଆଇଟି, ଭୁବନେଶ୍ୱରରେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗରେ ଆସିଷ୍ଟାଣ୍ଟ୍ ପ୍ରଫେସରଭାବେ କାର୍ଯ୍ୟରତ ।

ଶିଳ୍ପଗତ ଅଭିଜ୍ଞତା ଅର୍ଜନ ପାଇଁ ଡକ୍ଟର ସାମନ୍ତରାୟ ୧୯୯୯ ରୁ ୨୦୦୩ ଯାଏଁ ବେଲପାହାଡ଼ସ୍ଥିତ ଟାଟା ରିଫ୍ରାକ୍ଟରିଜ୍‌ରେ ପ୍ରଥମେ ଗ୍ରାଜୁଏଟ୍ ଇଞ୍ଜିନିୟର୍ ଓ ପରେ ମ୍ୟାନେଜର ଭାବେ କାର୍ଯ୍ୟ କରିଛନ୍ତି । ତାପରେ ଏନ୍ଆଇଏସ୍‌ଟି, ବ୍ରହ୍ମପୁର; ଏସ୍ଆଇଟି, ଭୁବନେଶ୍ୱର; ସିଇବି, ଭୁବନେଶ୍ୱର; ଏସ୍ଓଏ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଓ ଏନ୍ଆଇଟି, ରାଉରକେଲା ଭଳି ବୈଷୟିକ ଶିକ୍ଷାନୁଷ୍ଠାନରେ ଅଧ୍ୟାପକ ଭାବେ କାର୍ଯ୍ୟ ନିର୍ବାହ କରିଛନ୍ତି ।

ମାତ୍ର ୭ ବର୍ଷ ଅବଧିର ଗବେଷଣା କାଳରେ ଡକ୍ଟର ସାମନ୍ତରାୟ ୨୪ଟି ନିବନ୍ଧ ଆନ୍ତର୍ଜାତିକ ଜର୍ଣ୍ଣାଲ୍‌ମାନଙ୍କରେ ପ୍ରକାଶ କରିବା ସାଙ୍ଗକୁ ୧୩ଟି ନିବନ୍ଧ ବିଭିନ୍ନ ସମ୍ମିଳନୀ ଓ କର୍ମଶାଳାରେ ଉପସ୍ଥାପନ କରିଛନ୍ତି । ତାଙ୍କର କେତେକ ଗବେଷଣାପତ୍ର ବିଭିନ୍ନ ସମୟରେ ଆନ୍ତର୍ଜାତିକ ସ୍ତରରେ ସର୍ବୋତ୍କୃଷ୍ଟ ୨୫ଟି ନିବନ୍ଧ ତାଲିକାରେ ସ୍ଥାନିତ ହୋଇଥିବା ନିଶ୍ଚିତ ଭାବେ ଗୌରବର କଥା । ଗବେଷଣାର ପ୍ରମୁଖ କ୍ଷେତ୍ରଗୁଡ଼ିକ ହେଉଛି

'ଡିଜିଟାଲ ସିଗ୍ନାଲ ପ୍ରସେସିଂ', 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ', 'ପାୱାର ସିଷ୍ଟମ ପ୍ରଟେକ୍ସନ' ପ୍ରଭୃତି । ଅନେକଗୁଡ଼ିଏ ଆନ୍ତର୍ଜାତିକ ଗବେଷଣା ପତ୍ରିକାର ସମୀକ୍ଷକ ରହିବା ସାଙ୍ଗକୁ 'ଇଣ୍ଟରନ୍ୟାସ୍ନାଲ୍ ଜର୍ଣ୍ଣାଲ୍ ଅନ୍ ପାୱାର ସିଷ୍ଟମ ଅପ୍ଟିମାଇଜେସନ୍ ଆଣ୍ଡ କଣ୍ଟ୍ରୋଲ, ସିରିଆଲ ପବ୍ଲିକେଶନ୍ସ, ଇଣ୍ଡିଆ'ର ମୁଖ୍ୟ ସମ୍ପାଦକ ଦାୟିତ୍ୱ ତୁଲାଉଛନ୍ତି । ତାଙ୍କ ତତ୍ତ୍ୱାବଧାନରେ କେତେଗୁଡ଼ିଏ ବୃତ୍ତିଗତ ଓ ବୈଷୟିକ କର୍ମଶାଳା ବିଭିନ୍ନ ସମୟରେ ଅନୁଷ୍ଠିତ ହୋଇଛି ।

ଡକ୍ଟର ସାମନ୍ତରାୟ ଅନେକଗୁଡ଼ିଏ ସମ୍ମାନ ଓ ପୁରସ୍କାର ଲାଭ କରିଛନ୍ତି । ଏହି ତାଲିକାରେ ରହିଛି ବି.ଇ. ପରୀକ୍ଷାରେ ପ୍ରଥମସ୍ଥାନ, ଓଡ଼ିଶା ବିଜ୍ଞାନ ଏକାଡ଼େମୀ ପ୍ରଦତ୍ତ ଯୁବ ବୈଜ୍ଞାନିକ ପୁରସ୍କାର-୨୦୦୭, ଆଇଏନ୍ଏଇ ପ୍ରଦତ୍ତ ସର୍ବୋତ୍କୃଷ୍ଟ ପିଏଚ୍.ଡି. ଥିସିସ୍ ପୁରସ୍କାର-୨୦୦୮, ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରସ୍‌ର ଯୁବ ଇଞ୍ଜିନିୟର ପୁରସ୍କାର-୨୦୦୯ ଏବଂ ଆଇଏନ୍ଏଇର ସମର ରିସର୍ଚ୍ଚ ଫେଲୋଶିପ୍-୨୦୦୯ । ଏହାଛଡ଼ା, ଡିସେମ୍ବର ୨୦୦୭ରେ ପ୍ରକାଶିତ 'ହୁଜ୍ ହୁ ଇନ୍ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ'ରେ ଡକ୍ଟର ସାମନ୍ତରାୟଙ୍କ ନାମ ସ୍ଥାନ ପାଇଛି ।

ଡକ୍ଟର ସାମନ୍ତରାୟଙ୍କ କୃତି ଓ କୃତିତ୍ୱକୁ ସମ୍ମାନ ଜଣାଇ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ୨୦୧୦ ମସିହା ପାଇଁ ଇଞ୍ଜିନିୟରିଂ ଓ ଟେକ୍ନୋଲଜିରେ "**ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର**" ତାଙ୍କୁ ପ୍ରଦାନ କରୁଛି ଏବଂ ତାଙ୍କର ଦୀର୍ଘ, ନିରାମୟ ଓ ବହୁଫଳପ୍ରସୂ ଭବିଷ୍ୟତ କାମନା କରୁଛି ।

***

# DR. SUBHRANSU RANJAN SAMANTARAY

Born on 30th May, 1976 at Khandasahi in the District of Cuttack, Dr. Subhransu Ranjan Samantaray has earned distinction



in the field of Engineering and Technology. He took his B.E. in Electrical Engineering from the University College of Engineering, Burla in 1999 and Ph.D. in Power System Protection from NIT, Rourkela in 2007. He then carried out post-doctoral research at Mcgill University, Canada from 2008 to 2010. He is currently working as Associate Professor in the Department of Electrical Engineering at NIT, Rourkela.

Dr. Samantaray gathered industry experience by working at the Tata Refractories, Belpahar as a Graduate Engineer and Manager from 1999 to 2003. He then taught at Engineering institutions such as NIST, Berhampur; SIT, Bhubaneswar; CEB, Bhubaneswar and SOA University, Bhubaneswar before joining NIT, Rourkela in 2008.

In a relatively short span of 7 years of research Dr. Samantaray has been able to contribute substantially in areas like Digital Signal Processing, Artificial Intelligence, Power System Protection, etc. He has published 24 papers in International Journals and presented 13 papers in conferences and workshops. A number of his papers have found place in the Top 25 Hottest Articles of Elsevier Science from time to time. One of his papers has also been recognised as the IET Paper of the Month, January, 2007. Besides working as the Editor-in-Chief for the International Journal

on Power System Optimization and Control, Serial Publications, India, Dr. Samantaray is associated with a number of International Journals as Reviewers. He has coordinated a number of topical workshops organised for the benefit of students and researchers.

Dr. Samantaray has received several honours and awards. He stood first in the B.E. Examination. He received the Orissa Young Scientist Award for 2007 from the Orissa Bigyan Academy, the best Ph.D. Thesis Award for 2008 from INAE, the IEI Young Engineer Award for 2009, and the INAE Summer Research Fellowship - 2009. Besides, his name figures in Who's Who in Science and Engineering, 10th Anniversary Edition, published in December, 2007.

In view of the commendable achievements of Dr. Samantaray, the Orissa Bigyan Academy honours him with the **Samanta Chandra Sekhar Award** in the field of Engineering and Technology for the year 2010 and wishes him a long, bright and productive future.

***